# ‘ସହରର ବିକାଶ ମୂଳ ଲକ୍ଷ୍ୟ’

## ପୌର ପରିଷଦର ବୈଠକ

ରାୟଗଡ଼ା,(ସ୍ୱ.ପ୍ର.)/ରାୟଗଡ଼ା ଅଫିସ,୧୩।୨

ରାୟଗଡ଼ା ପୌରାଞ୍ଚଳର ଉନ୍ନତିକରଣ ପାଇଁ ସ୍ଥାନୀୟ ପୌର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ପୌର ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷ ପି. ମହେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଯୋଗଦେଇ ପୌରାଞ୍ଚଳର ଉନ୍ନତିକରଣ ନେଇ ବିଭିନ୍ନ ଆଲୋଚନା କରିଥିଲେ। ରାୟଗଡ଼ା ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ସହରର ସାନିଟାଇଜେସନ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ସହରରେ ରହିଥିବା ୨୪ଟି ୱାର୍ଡକୁ ୬ଟି ଜୋନ୍‌ରେ ବିଭକ୍ତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ଜୋନ୍‌ରେ ୪ଟି ଲେଖାଏଁ ୱାର୍ଡ ରହିବ। ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ଆବଶ୍ୟକ ଟେଣ୍ଡର କରିବା ନେଇ ମଧ୍ୟ ନିଷ୍ପତ୍ତି ହୋଇଛି। ଯେ କୌଣସି ବ୍ୟକ୍ତି ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇପାରିବେ ଏବଂ ଏଥିପାଇଁ କୌଣସି ଅଭିଜ୍ଞତା ବାଧ୍ୟତାମୂଳକ ରହିବ ନାହିଁ ବୋଲି ଅଧ୍ୟକ୍ଷ ମହେଶ ପଟ୍ଟନାୟକ କହିଛନ୍ତି।

ସେହିଭଳି ଦୀର୍ଘ ଦିନରୁ ହୋଲଡିଂ ଟିକସ ପୈଠ କରି ନ ଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ରିହାତି ବ୍ୟବସ୍ଥା କରାଯାଇଛି। ଦୀର୍ଘ ବର୍ଷ ଧରି ଯେଉଁମାନେ ଟିକସ ପ୍ରଦାନ କରିନାହାନ୍ତି ସେମାନଙ୍କ ବକେୟା ଟିକସ ଉପରେ ଶତକଡ଼ା ୨୦ ପ୍ରତିଶତ ରିହାତି ଦିଆଯିବା ନେଇ ନିଷ୍ପତ୍ତି ହୋଇଛି।

ସେହିଭଳି ସହରରେ ଦୂଷିତ ଓ ବର୍ଷା ଜଳ ନିଷ୍କାସନ ପାଇଁ ସମସ୍ତ ଅଞ୍ଚଳରେ ନୂତନ ଭାବେ ଡ୍ରେନ୍ ନିର୍ମାଣ କରିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ଏଥିସହ ଏବେ ସହରକୁ ସମ୍ପୂର୍ଣ୍ଣ ନିର୍ମଳ ଓ ସ୍ୱଚ୍ଛ ରଖିବା ପାଇଁ ଏକ ୧୮ଜଣିଆ ଟିମ୍ ଗଠନ କରି ୪୦ଦିନ ମଧ୍ୟରେ ସହରକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ରଖାଯିବ ବୋଲି ଅଧ୍ୟକ୍ଷ ମହେଶ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେହିଭଳି ପୌର ବିଭାଗ ଜରିଆରେ ପାଉଥିବା ବିଭିନ୍ନ ଭତ୍ତା ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ନ ଯାଇ ଫେରି ଆସୁଥିବା ବେଳେ କୌଣସି ସୂଚନା ନ ପାଇ ହିତାଧିକାରୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଯଦି ଦୁଇଥର କୌଣସି ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ନ ଯାଇ ଫେରିଆସେ, ତେବେ ତୁରନ୍ତ ଉକ୍ତ ହିତାଧିକାରୀଙ୍କୁ ସୂଚନା ଦିଆଯିବ ଏବଂ ହିତାଧିକାରୀ ବାସ କରୁଥିବା ଅଞ୍ଚଳ ନିକଟରେ ଥିବା ବ୍ୟାଙ୍କରେ ନିଜର ଆକାଉଣ୍ଟ ଖୋଲି ପୌର ବିଭାଗକୁ ଅବଗତ କରାଇଲେ ସେମାନଙ୍କୁ ଭତ୍ତା ମିଳିବାରେ କୌଣସି ଅସୁବିଧା ହେବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, କାର୍ଯ୍ୟନିର୍ବାହୀ ଅଧିକାରୀ ୟାଶିର୍ ବିଲାଲ ଅହମ୍ମଦ ଏବଂ ସମସ୍ତ ୱାର୍ଡର କାଉନସିଲର ଉପସ୍ଥିତ ରହି ବିଭିନ୍ନ ୱାର୍ଡର ଅବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ବ୍ୟାଙ୍କ ସମ୍ମୁଖ ରାସ୍ତାରେ ଟ୍ରାଫିକ୍ ସମସ୍ୟା

#### ରାଜ୍ୟ ରାଜପଥରେ ପାର୍କିଂ

ଅମ୍ବାଦଳା,୧୩।୨(ଡି.ଏନ୍.ଏ.)- ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଆମ୍ବଦଳା ଏସ୍‌ବିଆଇ ବ୍ୟାଙ୍କ ସମ୍ମୁଖରେ ଟ୍ରାଫିକ୍ ସମସ୍ୟା ଅଣାୟତ ହୋଇଛି। ଆମ୍ବଦଳା ଏସ୍‌ବିଆଇ ବ୍ୟାଙ୍କ ରାଜ୍ୟ ରାଜପଥକୁ ଲାଗି ରହିଥିବା ଯୋଗୁ ବ୍ୟାଙ୍କକୁ ଆସୁଥିବା ଲୋକେ ବ୍ୟାଙ୍କ ସମ୍ମୁଖ ରାଜରାସ୍ତାରେ ଗାଡ଼ି ପାର୍କିଂ କରୁଛନ୍ତି। ମୁଖ୍ୟରାସ୍ତାରେ ଶତାଧିକ ଗାଡ଼ି ଅଟକିବା ଫଳରେ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଉକ୍ତ ରାସ୍ତା ରାୟପୁର-ବିଶାଖାପାଟଣା ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବାରୁ ଏହି ରାସ୍ତାରେ ହଜାର ହଜାର ସଂଖ୍ୟାରେ ଗାଡ଼ି ଚଳାଚଳ କରୁଛି। ତେବେ ବ୍ୟାଙ୍କକୁ ଆସୁଥିବା ଲୋକେ ମଧ ବେଆଇନ ଭାବେ ଗାଡ଼ି ପାର୍କିଂ କରୁଥିବା ଦେଖିବାକୁ ମିଳୁଛି। ଏହି ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାକୁ ଜନସାଧାରଣ ଦାବି କରିଛନ୍ତି।

### ୭.୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ

ବିଷମକଟକ,୧୩।୨(ଡି.ଏନ୍.ଏ.)- ବିଷମକଟକ ମାଁ ମାର୍କମା ଛକ ନିକଟରେ ଯାଞ୍ଚବେଳେ ପୋଲିସ ୧.୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ମଧ ଗିରଫ କରାଯାଇଛି। ସେମାନେ ହେଲେ ଗଜପତି ଜିଲା ଅଣ୍ଡାରା ଗ୍ରାମର ଅମ୍ରିତନ୍ଦ ମାଲି(୨୨) ଏବଂ ମହାରାଷ୍ଟ୍ର ରାଜ୍ୟ ଘାରଗାଓଁ ଅଞ୍ଚଳର ଅଜୟ ଭାଉସାହେବ ଖଣ୍ଡେ(୨୧)। ଏସ୍‌ଆଇ ପ୍ରସନ୍ନ ନାୟକଙ୍କ ସହ ଅନ୍ୟ ପୋଲିସ କର୍ମଚାରୀ ଯାନବାହନ ଯାଞ୍ଚ କରିବା ସମୟରେ ସନ୍ଦେହରେ ଏକ କାର(ଏମ୍‌ଏଚ ୧୪ ଏଚ୍‌କେ ୫୪୫୨)କୁ ଅଟକାଇଥିଲେ। ଯାଞ୍ଚ ସମୟରେ ଡିକିରୁ ୬ ଟି ଗଞ୍ଜେଇ ଭର୍ତ୍ତି ବ୍ୟାଗ୍ ବାହାରିଥିଲା। ଏହାର ବଜାର ମୂଲ୍ୟ ୭.୫ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି ଗଞ୍ଜେଇ ରହିଥିବ କାର, ୨ ଟି ମୋବାଇଲ ଫୋନ୍ ସହ ୨୭ ହଜାର ଟଙ୍କା ଜବତ କରାଯାଇଛି। ବିଷମକଟକ ଥାନା ଅଧିକାରୀ ପ୍ରିୟା ଓଝା ଘଟଣାର ତଦନ୍ତ ଚଳାଇଛନ୍ତି। ଏ ନେଇ ୧୬/୨୩ ରେ ଏକ ମାମଲା ରୁଜୁ ହୋଇଛି।

### ପ୍ରାଧ୍ୟାପକଙ୍କ ନାଁରେ ଯୌନ ନିର୍ଯାତନା ଅଭିଯୋଗ, ବୁଦ୍ଧିଜୀବୀଙ୍କ ନିନ୍ଦା

ଗୁଣପୁର,୧୩।୨(ଡି.ଏନ୍.ଏ.)- ଗୁଣପୁର କଲେଜ ରାସାୟନିକ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଶଶୀଭୂଷଣ ମହାନ୍ତିଙ୍କ ନାମରେ ଯୌନ ନିର୍ଯାତନା ସହ ଅନ୍ୟ ବିଷୟରେ ଗୁରୁତର ଅଭିଯୋଗ ହୋଇଛି। ଏହାକୁ ନେଇ ସାମାଜିକ ଗଣମାଧ୍ୟମ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜଣେ ପ୍ରାଧ୍ୟାପକଙ୍କୁ ଏପରି ବଦନାମକରିବା ଠିକ୍ ହୋଇନାହିଁ ବୋଲି ମତପ୍ରକାଶ ପାଇଛି। ଅଭିଯୋଗ କରିଥିବା ସଙ୍ଗଠନର କର୍ମକର୍ତ୍ତା କିଏ ଏବଂ ସଙ୍ଗଠନ କେଉଁଠି ରହିଛି ବୋଲି ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ସଙ୍ଗଠନର କର୍ମକର୍ତ୍ତା ଜଣେ ପ୍ରାଧାକଙ୍କ ନାମରେ ସଙ୍ଗିନ ଅଭିଯୋଗ କରିଥିଲେ ମଧ କାହିଁକି ସାର୍ବଜନିନ ଭାବେ ଘଟଣା ବିଷୟରେ ଅବଗତ କରିନାହାନ୍ତି ବୋଲି ପ୍ରଶ୍ନ ଉଠିଛି। ଏହାର ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏଠାରେ ସେଭଳି ନାମରେ କୌଣସି ସଙ୍ଗଠନ ନ ଥିବା ଲୋକେ କହୁଥିବାବେଳେ କେଉଁ ଉଦ୍ଦେଶ୍ୟରେ ଏପରି କରାଯାଇଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ଛାତ୍ରୀମାନଙ୍କୁ ଯୌନ ନିର୍ଯାତନା ଦିଆଯାଇଛି ତେବେ ସେମାନେ କୌଣସି ଅଭିଯୋଗ ନ କରି ଅନ୍ୟମାନଙ୍କ ଦ୍ୱାରା କାହିଁକି ଅଭିଯୋଗ କରୁଛନ୍ତି ତାହାକୁ ନେଇ ମଧ ପ୍ରଶ୍ନ ଉଠିଛି। ତେବେ ଅଭିଯୋଗରେ ସତ୍ୟତା ରହିଛି ନାଁ ପ୍ରାଧ୍ୟାପକଙ୍କ ନାଁରେ ମିଛ ଅଭିଯୋଗ ହୋଇଛି ତାହାର ତଦନ୍ତ କରାଯାଉ ବୋଲି ଦାବି ହେଉଛି। ପ୍ରଥମେ ଗୁଣପୁର କନ୍‌ସିୟସ ସିଟିଜନ ପକ୍ଷରୁ ଗତ ଜୁଲାଇ ୨ ତାରିଖ ଶବର କଲୋନିରେ ରହୁଥିବା ସଙ୍ଗଠନର ସଭାପତି ରୋହିତ ଗମାଙ୍ଗ ୫-ଟି ସଚିବଙ୍କୁ ଯୌନ ନିର୍ଯାତନା ସହ ଅନ୍ୟ ପ୍ରସଙ୍ଗରେ ଅଭିଯୋଗ କରିଥିଲେ। ଏହାପରେ ଆଦିବାସୀ ସୁରକ୍ଷା ମଞ୍ଚ ପକ୍ଷରୁ ୨୦୨୨ ଡିସେମ୍ବର ୨୪ରେ ଏହାର ସଭାପତି କେ.ଶବର ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କୁ ପୁଣି ଅଭିଯୋଗ କରିଥିଲେ। ଶେଷରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ତୁରନ୍ତ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ବିଭିନ୍ନ ସଙ୍ଗଠନ ମାନଙ୍କ ନାମରେ ବେନାମି ଚିଠି କରି ଏପରି କରାଯିବା ଘଟଣା ଜଣାପଡିବା ପରେ ସାମାଜିକ ଗଣମାଧମରେ ତାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ଏପରି ଅଭିଯୋଗ ବିଷୟରେ ପ୍ରାଧ୍ୟାପକ ମହାନ୍ତିଙ୍କ ସହ ଯୋଗାଯୋଗ କରାଯିବାରୁ ଯେ କୌଣସି ତଦନ୍ତ ପାଇଁ ସେ ପ୍ରସ୍ତୁତ ଥିବା କହିଛନ୍ତି। ବଦନାମ କରିବା ଏହାର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।

# ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ



ଉଦ୍‌ଘାଟନୀନକାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ଓ ଅନ୍ୟମାନେ।

କୋଲନରା,୧୩।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କୋଲନରା ବ୍ଲକ ଲେକାପାଇ ବଜାର ପ୍ରାଙ୍ଗଣରେ ମିଲେଟ ମିଶନ ପକ୍ଷରୁ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭାବେ ରାୟଗଡ଼ା ମୁଖ୍ୟ ଜିଲା କୃଷି ଅଧିକାରୀ ରାମଚନ୍ଦ୍ର ଦାସ, କୋଲନରା ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକ, ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିଃ ରାୟଗଡ଼ର ଶାଖା ପରିଚାଳକ ଅଶୋକ କୁମାର ପାତ୍ର, କୋଲନରାର ଅତିରିକ୍ତ ତହସିଲଦାର ବିଘ୍ନରାଜ କଅଁର, କୋଲନରା ଲ୍ୟାମ୍ପ ସଭାପତି ଶୁକ୍ରୁ ପିରିଆକା, ଆର୍‌ଏମ୍‌ସି ରାୟଗଡ଼ା, କୋଲନରା ଲ୍ୟାମ୍ପର ଅଧିକାରୀ ଓ କର୍ମଚାରୀ ସମେତ ଆକ୍‌ସସ୍ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସରକାରଙ୍କ ଧାର୍ଯ୍ୟ ଦରରେ ମାଣ୍ଡିଆ ବିକ୍ରି କରିବା ପାଇଁ କୋଲନରାର ବିଭିନ୍ନ ପଞ୍ଚାୟତର ଚାଷୀ ନିଜ ଉତ୍ପାଦିତ ମାଣ୍ଡିଆ ନେଇ ଉପସ୍ଥିତ ଥିଲେ।

# କୋମ୍ବିଂବେଳେ ଲ୍ୟାଣ୍ଡମାଇନ ନିଷ୍କ୍ରିୟ କଲେ ଯବାନ

## ସୁରକ୍ଷାକର୍ମୀଙ୍କୁ କରିଥିଲେ ଟାର୍ଗେଟ



ନିଷ୍କ୍ରିୟ କରାଯାଇଥିବା ଲ୍ୟାଣ୍ଡମାଇନ୍ ।

ମାଲକାନଗିରି,୧୩।୨(ଡି.ଏନ୍.ଏ.)

ମାଲକାନଗିରି ସୀମାନ୍ତ ଛତିଶଗଡ଼ରେ ବିଏସ୍‌ଏଫ୍ ପକ୍ଷରୁ କୋମ୍ବିଂ ଅପରେଶନ ଚାଲିଥିବାବେଳେ ସୁରକ୍ଷା ବାହିନୀକୁ ଟାର୍ଗେଟ କରି ଖଞ୍ଜାଯାଇଥିବା ଲ୍ୟାଣ୍ଡମାଇନ ସୋମବାର ଠାବ କରାଯାଇଛି। ବିଜାପୁର ଜିଲା ଆବାପାଲ୍ଲୀ ରାସ୍ତାରୁ ୩କେଜି ଓଜନର ଏହି ଲ୍ୟାଣ୍ଡମାଇନ ଜବତ କରାଯାଇଛି। ଯବାନମାନେ ଉକ୍ତ ଲ୍ୟାଣ୍ଡମାଇନକୁ ନିଷ୍କ୍ରିୟ କରିବାରେ ସଫଳ ହୋଇଛନ୍ତି। ସୂଚନା ଅନୁ ଯାୟୀ ସୀତାପୁର କ୍ୟାମ୍ପରେ ଥିବା ୧୯୬ ବାଟାଲିୟନ ସିଆର୍‌ପିଏଫର ଯବାନମାନେ କୋମ୍ବିଂ ଅପରେଶନ ଚଳାଇଥିଲେ। ୫୦ ମିଟର ଦୂର ପଗଡଣ୍ଡି ଗ୍ରାମ ନିକଟ ରାସ୍ତାରେ ଲାଣ୍ଡମାଇନ ଠାବ କରିଥିଲେ।

# ଏକାଧିକ ଔଷଧଖାଇ ନବମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ

ପାପଡାହାଣ୍ଡି,୧୩।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ଥାନା ମନ୍ତ୍ରୀଗୁଡା ପଞ୍ଚାୟତ ଶରଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୋମବାର ରକ୍ତଚାପର ଏକାଧିକ ଔଷଧ ଖାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ବିଦ୍ୟାଳୟ ଶିକ୍ଷକମାନେ ଏ ନେଇ ଜାଣିବା ପରେ ଗରୁତର ଅବସ୍ଥାରେ ତାଙ୍କୁ ପାପଡାହାଣ୍ଡି ଡାକ୍ତରଖାନାକୁ ଆଣିଥିଲେ। ସେଠାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ ଛାତ୍ରୀ ଜଣଙ୍କର ମା’ ବାପାଙ୍କ ମୃତ୍ୟୁ ହୋଇଯାଇଥିବାରୁ ସେ ବଡ଼ ବାପା ଘରେ ରହି ଶରଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଥିଲେ। ସୋମବାର ଛାତ୍ରୀ ଜଣକ ଠିକ ସମୟରେ ସ୍କୁଲକୁ ଯାଇଥିଲେ। ସେଠାରେ ହଠାତ୍ ସେ ଗୁରୁତର ହୋଇପଡିବା ଯୋଗୁ ଶିକ୍ଷକମାନେ ତାଙ୍କୁ ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଛାତ୍ରୀଙ୍କୁ ସେଠାରେ ପଟାସ ପାଣି ପିଆଇ ବାନ୍ତି କରାଯାଇ ଥିଲା। ବାନ୍ତିରେ ଔଷଧ ବଟିକା ବାହାରିଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ନବରଙ୍ଗପୁର ସ୍ଥାନାନ୍ତର କରାଯାଇଥିଲା। ଛାତ୍ରୀ ଜଣକ ସ୍କୁଲରେ ଗୁରୁତର ହେବାରୁ ତାଙ୍କୁ ଡାକ୍ତରଖାନା ନେଇଥିଲୁ ବୋଲି ସ୍କୁଲ ପ୍ରଧାନ ଶିକ୍ଷକ ପ୍ରତାପ କୁମାର ଓଡ୍ଡ଼ କହିଛନ୍ତି। ଝିଅାରୀ ସ୍କୁଲ ଯାଇଥିଲା। ମଧ୍ୟାହ୍ନରେ ସ୍କୁଲର୨ ଛାତ୍ର ଆସି ଝିଅାରି ଗୁରୁତର ହୋଇ ବିଦ୍ୟାଳୟରେ ଥିବା କଥା କହିଥିଲେ। ସ୍କୁଲକୁ ଯିବାବେଳକୁ ଶିକ୍ଷକମାନେ ତାଙ୍କୁ ଡାକ୍ତରଖାନା ନେଇ ସାରିଥିଲେ। ସେଠାରେ ଚିକିତ୍ସା ଚାଲିଛି। ସେ ଔଷଧ ଖାଇଥିବା କଥା ଜାଣିନାହୁଁ ବୋଲି ଛାତ୍ରୀଙ୍କ ବଡ଼ ବାପା କହିଛନ୍ତି। ଡା. ସୁଶ୍ରୀତା ସେଟ୍ଟି ପାପଡାହାଣ୍ଡି ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଛାତ୍ରୀ କେଉଁ ସମୟରେ ଔଷଧ ଖାଇଥିଲେ ତାହାର ସୂଚନା ମିଳିନାହିଁ।

## ଗଞ୍ଜେଇ ଚାଲାଣ, ୩ ଗିରଫ

ବଲସକୁମ୍ପା,୧୩।୨

ଖଜୁରୀପଡା ଥାନା ଅଧିନସ୍ଥ ଦୁତିମେଣ୍ଡି ଠାରେ ଗଞ୍ଜେଇ ଚାଲାଣ ବେଳେ ୩ ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ରବିବାର ବସ୍ ଯୋଗେ ଯିବାପାଇଁ ମୟୂରଭଞ୍ଜ କପ୍ତିପଦା ଅଞ୍ଚଳର ୩ ଯୁବକ ଗଞ୍ଜେଇ ଧରି ଦୁତିମେଣ୍ଡି ଠାରେ ଅପେକ୍ଷା କରିଥିବା ବେଳେ ପୋଲିସ ସେମାନଙ୍କୁ ସନ୍ଦେହରେ ଥାନାକୁ ଆଣି ପଚରାଉଚରା କରିଥିଲା। ସବ୍‌ଇନସ୍ପେକ୍ଟର ଦୀନବନ୍ଧୁ ପ୍ରଧାନ ଏବଂ ଜଣେ କନଷ୍ଟେବଲ ସେମାନଙ୍କୁ ଯାଞ୍ଚ କରୁଥିବା ବେଳେ ବ୍ୟାଗରୁ ୧୩ କେଜି ଗଞ୍ଜେଇ ବାହାରିଥିବା ପୋଲିସ ସୂଚନା ଦେଇଛି।

# ୬ ଇଟାଭାଟିରୁ ୧ଲକ୍ଷ ୪ ହଜାର ଜରିମାନା ଆଦାୟ

## ବେଆଇନ ଇଟା ଭାଟିରେ ଚଢ଼ାଉ



ତହସିଲଦାର ଇଟାଭାଟିରେ ଚଢାଉ କରୁଛନ୍ତି ।

ଟିକିରି,୧୩।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଅନେକ ବେଆଇନ ଇଟା ଭାଟି ଗଢ଼ି ଉଠିଛି। କାଶୀପୁର ତହସିଲଦାର ଶରତ ଶବରଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଟିକିରି ଅଞ୍ଚଳର ୬ ଇଟାଭାଟିରୁ ୧ଲକ୍ଷ ୪ ହଜାର ଟଙ୍କା ଜରିମାନା ଆଦାୟ କରଯାଇଛି। ସୂଚନା ଅନୁଯାୟୀ, କାଶୀପୁର ଅଞ୍ଚଳରେ ପ୍ରାୟ ସମସ୍ତ ଗ୍ରାମରେ ବେଆଇନ ଇଟା ଭାଟି କରି ମାଲିକ ମାନେ ଲାଭବାନ ହେଉଥିବାବେଳେ ଲୋକେ ସମସ୍ୟା ଭୋଗୁଛନ୍ତି। ଫଳରେ ତହସିଲଦାର ଟିକିରି ଆର୍‌ଆଇଙ୍କ ଅଚାନକ ଉଷାପଡ଼ା ଅଞ୍ଚଳରେ ୬ଟି ଇଟାଭାଟି ଉପରେ ଚଢ଼ାଉ କରି ଜରିମାନା ଆଦାୟ କରିଛନ୍ତି। ଆଗକୁ ମଧ୍ୟ ଅନ୍ୟ ବେଆଇନ ଇଟାଭାଟି ଗୁଡ଼ିକ ଉପରେ ଚଢ଼ାଉ କରାଯିବ ବୋଲି ତହସିଲଦାର ଶବର କହିଛନ୍ତି।

# ଆମ୍ବାଗୁଡ଼ାରେ ଉଠାଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ମାଥିଲି,୧୩।୨(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣ ଯୋଜନାରେ ଲକ୍ଷାଧିକ ଚାଷୀ ଉପକୃତ ହେଉଛନ୍ତି। ସେହିପରି ଚାଷୀ କିପରି ନିଜ ଜମିରେ ଖରିଫ ଓ ରବି ଫସଲ ସମୟରେ ଚାଷ କରି ପାରିବେ ସେଥିପାଇଁ ଜଳସେଚନର ସୁବିଧା କରାଯାଉଛି। ଯେଉଁ ଅଞ୍ଚଳରେ କେନାଲ ପାଣିର ସୁବିଧା ଅଛି ସେହି ଅଞ୍ଚଳରେ ଚାଷୀଙ୍କ ଜମି ଜଳସେଚିତ ହେଉଛି। କିନ୍ତୁ କେନାଲ ପାଣି ନ ଥିବା ଅଞ୍ଚଳ ଗୁଡିକରେ ଏବେ ରାଜ୍ୟ ସରକାର ଉଠାଜଳସେଚନ ପ୍ରକଳ୍ପ ମାଧ୍ୟମରେ ଜଳସେଚନ ପାଇଁ ବ୍ୟବସ୍ଥା କରିଛନ୍ତି। ସୋମବାର ଉପାନ୍ତ ମାଲକାନଗିରି ଜିଲା ମାଥିଲି ବ୍ଲକ ଆମ୍ବାଗୁଡ଼ା ପଞ୍ଚାୟତ ସଦର ଗ୍ରାମରେ ରାଜ୍ୟ ସରକାରଙ୍କ ଉଠାଜଳସେଚନ ବିଭାଗ ପକ୍ଷରୁ ୧୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉଠାଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି।

ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ରୂପେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ସମ୍ମାନିତ ଅତିଥି ରୂପେ ଉଠାଜଳସେଚନ ବିଭାଗର ଉପଦେଷ୍ଟା ପ୍ରମୋଦ କୁମାର ପାତ୍ର, କୋରାପୁଟ ସମବାୟ ସମିତିର ଅଧ୍ୟକ୍ଷ ଈଶ୍ୱର ପାଣିଗ୍ରାହୀ, ସ୍ୱତନ୍ତ୍ର ଆଦିବାସୀ ପରିଷଦର ଅଧ୍ୟକ୍ଷ ଆଡମା ରାବା ଓ ମାଥିଲି ପଞ୍ଚାୟତ ସମିତି ଅଧ୍ୟକ୍ଷ ମହେଶ କୁମାର ବାକା ଉପସ୍ଥିତ ଥିଲେ। ଏହି ଅଞ୍ଚଳର ୨୧ ଚାଷୀଙ୍କ ୫୦ ଏକର ଚାଷ ଜମିରେ ରବି ଓ ଖରିଫ ସମୟରେ ଚାଷ ପାଇଁ ପାଣିର ସୁବିଧା ହୋଇଥିବାରୁ ଉପକୃତ ଚାଷୀମାନେ ଖୁସି ବ୍ୟକ୍ତ କରିଛନ୍ତି। ପରେ ଆମ୍ବାଗୁଡା ପଞ୍ଚାୟତ ସଭାଗୃହରେ ଏକ ବୈଠକ ହୋଇଥିଲା। ରାଜ୍ୟ ସରକାରଙ୍କ କୃଷକ କଲ୍ୟାଣ ଯୋଜନା ଗୁଡିକ ଉପରେ ଅବଗତ କରାଯାଇଥିଲା। ଉଦ୍‌ଘାଟନି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମାଥିଲି ଜୋନ୍-୧ ଜିଲା ପରିଷଦ ସଭ୍ୟା ତଥା ବିଜେଡି ଜିଲା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ମାଥିଲି ଜୋନ୍ ୨ ଜିଲା ପରିଷଦ ସଭ୍ୟ ହିରଣ୍ୟ ମୁଦୁଲି, ମାଥିଲି ସଦର ଜିଲା ପରିଷଦ ସଭ୍ୟା ସସ୍ମିତା ମାଝି, ବିଜେଡିର ଜିଲା ବରିଷ୍ଠ ସାଙ୍ଗଠନିକ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଆଇନଜୀବୀ ସରୋଜ କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ଜଗନ୍ନାଥ ମାଝି, ଅମ୍ବାଗୁଡ଼ା ସରପଞ୍ଚ, ଗୋବିନ୍ଦପାଲ୍ଲୀ ସରପଞ୍ଚ ଶ୍ରୀନିବାସ ମୁଦୁଲି ଓ ମାଥିଲି ସରପଞ୍ଚ କାନାମ ରାଜୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉଠା ଜଳସେଚନ ବିଭାଗର କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କାଳିମେଳା ବ୍ଲକରେ ମେଗା ଜଳପ୍ରକଳ୍ପ ଉଦ୍‌ଘାଟିତ

କାଳିମେଳା,୧୩।୨(ଡି.ଏନ୍.ଏ.)

ମାଲକାନଗିରି ଜିଲା କାଳିମେଳା ବ୍ଲକ ତେଲରାଇ ପଞ୍ଚାୟତ ଅନ୍ତର୍ଗତ ଏମ୍‌ଭି ୧୨୬ ଗ୍ରାମରେ ଉଠା ଜଳସେଚନ ନିଗମ ଦ୍ୱାରା ବିଗ୍ ବୋରୱେଲ ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ରୂପେ ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ ପାତ୍ରୀ, ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ସଭାପତି ସମାରୀ ଟାଙ୍ଗୁଲୁ, ପୂର୍ବତନ ବିଧାୟକ ମାନସ ମାଡକାମି, ଉଠା ଜଳସେଚନ ନିଗମର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ପାତ୍ର, ସହ ନିର୍ବାହୀ ଅଧିକାରୀ ମହନି ଚରଣ ବେହେରା, କନିଷ୍ଠ ଯନ୍ତ୍ରୀ ଟି. କିରଣ କୁମାର, ବିଜେଡି ସାଙ୍ଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତିଙ୍କ ସମେତ ସମସ୍ତ ସରପଞ୍ଚ ଓ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। ସଭାକୁ କାଳିମେଳା ବିଜେଡି ସଭାପତି ଶରତ ଚନ୍ଦ୍ର ବିଶାଳ ପରିଚାଳନା କରିଥିଲେ। ରାଜ୍ୟ ସରକାର ଚାଷୀଙ୍କ କଲ୍ୟାଣ ପାଇଁ ବିଜୁ କୃଷକ କଲ୍ୟାଣ ଯୋଜନାରେ ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଉଠା ଜଳସେଚନ ନିଗମ ଦ୍ୱାରା ବିପିଏଲ ହିତାଧିକାରୀ ଚାଷୀଙ୍କୁ ୧୦ ହଜାର ଟଙ୍କା ଓ ସାଧାରଣ ବର୍ଗ ଚାଷୀଙ୍କୁ ୨୦ ହଜାର ଟଙ୍କା ରିହାତିରେ ଉଠା ଜଳସେଚନ ସୁବିଧା ଉପଲବ୍ଧ ହୋଇ ପାରୁଛି ବୋଲି ଏମ୍‌ପି ଏଠାରେ କହିଥିଲେ। ଏହି ଅବସରରେ ତେଲରାଇ ପଞ୍ଚାୟତର ଜାକଲକୁଣ୍ଡି ବାଗା ସୋଡିଙ୍କ ଜମିରେ ଉଠା ଜଳସେଚନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। କାଳିମେଳା ବ୍ଲକକୁ ୪୨ ପ୍ରକଳ୍ପ ମଞ୍ଜୁରୀ ମିଳିଥିବା ଜଣାପଡ଼ିଛି ।

# ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ

## କୋରୁକୋଣ୍ଡା ବ୍ଲକ ଶିକ୍ଷକ ସଂଘର ବୈଠକ

କୋରୁକୋଣ୍ଡା,୧୩।୨(ଡି.ଏନ୍. ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ସ୍ଥିତ ଶିବ ମନ୍ଦିର ପରିସରରେ କୋରୁକୋଣ୍ଡା ବ୍ଲକ ଶିକ୍ଷକ ସଂଘର ଏକ ବୈଠକ ଆନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷକ କିଶୋର ଚରଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବ୍ଲକ ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ କୁମାର ବେହେରା, ଲୋକନାଥ ସାହୁ, ବସନ୍ତ କୁମାର ଗୌଡ଼, ବିଷ୍ଣୁ ପ୍ରସାଦ ଅତିବୁଧି , ଶିକ୍ଷୟିତ୍ରୀ ରୀତା ମହାରଣା, ଶତ୍ରୁଘ୍ନ ଗୌଡ଼, ବିବେକାନନ୍ଦ ପଣ୍ଡା, ତରୁଣ କୁମାର ଦେ, ଇର୍ମା ପଡିଆମୀ, ପଙ୍କଜ କୁମାର ନାୟକ, ପଞ୍ଚୁ ଗୋପାଳ କାରଣ, ଚିତ୍ତରଞ୍ଜନ ମହାରଣାଙ୍କ ସମେତ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଗତ ବର୍ଷ ନଭେମ୍ବର ମାସରେ ରାଜ୍ୟ ମିଳିତ ଶିକ୍ଷକ ସଂଘର ଆହ୍ୱାନ କ୍ରମେ ୩ଦଫା ଦାବି ନେଇ ୨୭ରୁ ୩୦ ପର୍ଯ୍ୟନ୍ତ ଭୁବନେଶ୍ୱର ଠାରେ ଯେଉଁ ଆନ୍ଦୋଳନ କରାଯାଇଥିଲା। ସମସ୍ତ ଦାବି ଗୁଡ଼ିକୁ ପୂରଣ କରିବା ପାଇଁ ସରକାର ଏବେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଯଦି ସରକାର ଉକ୍ତ ୩ ଦାବି ଯଥା ପ୍ରାଥମିକ ଶିକ୍ଷକରୁ ଠିକା ନିଯୁକ୍ତି ଉଚ୍ଛେଦ କରି ଠିକା ସମୟର କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ଓ ଠିକା ସମୟ ପାଇଁ ନ୍ୟାଶନାଲ ଇଙ୍କ୍ରିମେଣ୍ଟ ଲାଗୁ କରିବା, ନୂତନ ପେନ୍‌ସନ ଯୋଜନାକୁ ଉଚ୍ଛେଦ କରି ପୁରୁଣା ପେନ୍‌ସନ ଲାଗୁ କରିବା, କେନ୍ଦ୍ରୀୟ ହାରାରେ ପ୍ରାଥମିକ ଶିକ୍ଷକଙ୍କ ମୂଳ ଦରମା ଲାଗୁ କରିବା ପ୍ରମୁଖ ଦାବି ଗୁଡ଼ିକୁ ଫେବୃୟାରୀ ୨୦ ସୁଦ୍ଧା ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ଶିକ୍ଷକ ସଂଘ ବ୍ଲକ ସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଆନ୍ଦୋଳନ କରିବେ ବୋଲି ବ୍ଲକ ଶିକ୍ଷକ ସଂଘର ସଭାପତି ପ୍ରଶାନ୍ତ କୁମାର ବେହେରା ଚେତାବନି ଦେଇଛନ୍ତି।

# ବର୍ଷେ ନ ପୂରୁଣୁ ଭୁଶୁଡ଼ିଲା ପୋଲ, ସମସ୍ୟାରେ ଗ୍ରାମବାସୀ

## ବର୍ଷାଋତୁ ଆସିଲେ ବଢ଼ିବ ଦୁର୍ଦ୍ଦଶା

ମାଲକାନଗିରି,୧୩।୨(ଡି.ଏନ୍.ଏ.)



ଭୁଶୁଡି ପଡିଥିବା ଖଡିକାଜୋଡ଼ି ଗ୍ରାମ ନିକଟସ୍ଥ ପୋଲ।

ମାଲକାନଗିରି ଜିଲାର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଥିଲେ ମଧ ତାହା ଜନସାଧାରଣଙ୍କ ସ୍ୱାର୍ଥରେ ଲାଗିପାରୁନି। ତଳସ୍ତରରେ କେତେଜଣ ଅଧିକାରୀ ଓ କର୍ମଚାରୀ ଏଥିରେ ଅବହେଳା କରୁଥିବାରୁ ଯୋଜନା ଗୁଡ଼ିକର ସଫଳ ରୂପାୟନ ହୋଇପାରୁନି। ମାଲକାନଗିରି ଜିଲା ମାଥିଲି ବ୍ଲକ ଟେମୁରୁପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଖଡିକାଜୋଡ଼ି ଗ୍ରାମରେ ଏହାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି। ଜନସାଧାରଣଙ୍କ ଯାତାୟାତ ରେ ସୁବିଧା ପାଇଁ ୨୦୨୧ ରେ ଏକ ପୋଲ ନିର୍ମାଣ କରାଯାଇଥିଲା। ହେଲେ ଏହି ପୋଲ ୨୦୨୨ରେ ଭୁଶୁଡ଼ି ପଡ଼ିଥିଲା। ଏବେ ଜନସାଧାରଣ ଯାତାୟାତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଖଡିକାଜୋଡ଼ି ଗ୍ରାମ ନିକଟରେ ଥିବା ଛୋଟ ନାଳ ଉପରେ ଏହି ପୋଲ ନିର୍ମାଣ କରାଯାଇଥିବା ବେଳେ ପୋଲ ଦେଇ ଆଖପାଖର ବହୁ ଗ୍ରାମବାସୀ ଯାତାୟତ କରିବା ସହ ବ୍ଲକ ସଦର ମହକୁମାକୁ ଆସୁଥିଲେ। ଏଠାରେ ପୋଲ ନିର୍ମାଣ ପାଇଁ ବହୁବାର ଦାବି କରିବା ପରେ ନାଳ ଉପରେ ଏହି ପୋଲ ନିର୍ମାଣ କରାଯାଇଥିଲା। ଏବେ ଲୋକେ କଷ୍ଟେମଷ୍ଟେ ଚାଲିଯାଉଥିବାବେଳେ ବର୍ଷାଦିନ ଆସିଲେ ଲୋକଙ୍କ ସମସ୍ୟା ବଢ଼ିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ପୂର୍ବରୁ ବର୍ଷାଦିନେ ଏହି ଗ୍ରାମବାସୀ ଯାତାୟାତ କରିବାରେ ଅସୁବିଧା ହେଉଥିବାରୁ ଗ୍ରାମ ନିକଟ ନାଳ ଉପରେ ପୋଲ ନିର୍ମାଣ କରାଯାଇଥିଲା। ହେଲେ ତାହା ବର୍ଷେ ନ ପୂରୁଣୁ ଭୁଶୁଡ଼ି ପଡ଼ିଥିଲା। କାର୍ଯ୍ୟରତ ଯନ୍ତ୍ରୀମାନଙ୍କ ଅବହେଳା, ଅସାଧୁତା ଯୋଗୁ ଏପରି ପରିସ୍ଥିତି ଉପୁଜିଛି ବୋଲି ଗ୍ରାମବାସୀ କହିଛନ୍ତି। ପୋଲ ଭୁଶୁଡ଼ିବା ପରେ ଗ୍ରାମବାସୀ ସମ୍ପୃକ୍ତ ଯନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ହେଲେ କେହି ଶୁଣି ନ ଥିଲେ ବୋଲି ସେମାନେ କହିଛନ୍ତି। ଏ ବିଷୟରେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ସଂକ୍ଷେପରେ

### ସ୍କୁଲରେ ବାର୍ଷିକୋତ୍ସବ



ବୈପାରୀଗୁଡ଼ା, ୧୩।୨(ଡି.ଏନ୍.ଏ.) ବୈପାରୀଗୁଡା ବ୍ଲକ ଅଧୀନ ଦଣ୍ଡାବାଡ଼ିସ୍ଥିତ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ବର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକଙ୍କ ଅଧତାରେ ଆୟୋଜିତ ବୈଠକରେ ପଞ୍ଚାୟତ ସମିତି ଅଧକ୍ଷ ପ୍ରଶାନ୍ତ ଗୁପ୍ତା ମୁଖ୍ୟ ଅତିଥି, ଗୋଷ୍ଠୀ ସାଧନ ସଂଯୋଜକ ଗୋପୀନାଥ ବାରିକ ମୁଖ୍ୟବକ୍ତା, ସ୍ଥାନୀୟ ସରପଞ୍ଚ ଶେଣ୍ଡିଆ ଖିଲ ଓ ସମିତି ସଭ୍ୟ ମାଧବ ଖରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ସୁଧୀର ପ୍ରଧାନ ବିଦ୍ୟାଳୟ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ଗାୟତ୍ରୀ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାର କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ବ୍ଲକସ୍ତରୀୟ ପରାମର୍ଶ ଶିବିର ପ୍ରସ୍ତୁତି ବୈଠକ



ଡାବୁଗାଁ, ୧୩।୨ (ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ପରାମର୍ଶ ଶିବିର ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଡିଓ ଶରତ ମାଝିଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣ ସହିତ ଚୁକ୍ତି କରିଥିବା ତାଲିମ ପ୍ରଦାନକାରୀ ସଂସ୍ଥା ଭାଗନେବେ। ଉକ୍ତ ମେଳାରେ ବ୍ଲକର ୫ମ ଶ୍ରେଣୀ ପାସରୁ ସ୍ନାତକ, ଆଇଟିଆଇ ଓ ଡିପ୍ଲୋମା ପାସ ପର୍ଯ୍ୟନ୍ତ ୧୮ ରୁ ୩୫ ବର୍ଷର ଯୁବତୀମାନେ ଭାଗ ନେଇ ପାରିବେ। ୨୦ ତାରିଖରେ ଏହି ଶିବିର ହେବ। ବୈଠକରେ ସିଡିପିଓ ଗୀତାଞ୍ଜଳି ମହାରଣା, ବିଇଓ ଶିବ ଶଙ୍କର ମଣ୍ଡଳ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ସମସ୍ତ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ବ୍ଲକ ଅଧୀନ ସମସ୍ତ ଉଚ୍ଚ ମାଧମିକ ଓ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ ବୈଠକ ପରିଚାଳନା କରିଥିଲେ।

### ନନ୍ଦପୁରରେ ଅଭିଯୋଗ ଶୁଣାଣି ଶିବିର

ନନ୍ଦପୁର, ୧୩।୨- ନନ୍ଦପୁର ବ୍ଲକ ସଦରରେ ବିଡିଓ ସୁଜିତ ମିଶ୍ରଙ୍କ ଅଧକ୍ଷତାରେ ଜନ ଅଭିଯୋଗ ଶିବିର କରାଯାଇଛି। ସରପଞ୍ଚ ସାଜେନ୍ତି କିଁଷାନୀ, ସମିତି ସଭ୍ୟ ବିନୋଦିନୀ ସମାର୍ଡୀ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ, ବୁଦ୍ଧିଜୀବୀ, ଆଶା ଅଙ୍ଗନୱାଡ଼ି କର୍ମୀଙ୍କ ଉପସ୍ଥିତିରେ ୯ଟି ଅଭିଯୋଗ ପଞ୍ଜିକୃତ ହୋଇଛି। ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଏହାର ସମାଧାନ ହେବ ବୋଲି ବିଡିଓ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା, ଜିପିଓ ବେଦାନ୍ତ ମାଝି, ଯନ୍ତ୍ରୀ ହେମନ୍ତ ମହାନ୍ତି, ଶିଶୁ ବିକାଶ ମଣ୍ଡଳ ପରିଦର୍ଶକ ମୋନାଲିସା ଖେମୁଣ୍ଡୁ, ପିଇଓ ବାପି ସ୍ମିଥ, ଜିଆରଏସ୍ ଅନିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ନନ୍ଦପୁର ବ୍ଲକ ଭାରାପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅର୍ଜୁନ ମାଝି ଶିବିର ପରିଚାଳନା କରିଥିଲେ।

# ଅଧିକାରୀ-ଲୋକପ୍ରତିନିଧି ତାଳମେଳ ରହୁନଥିବା ଅଭିଯୋଗ

■ ଜିଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର
■ ଆବାସ ତାଲିକାରେ ନାହାନ୍ତି କେରିମିଟି ପଞ୍ଚାୟତର ୯ ଟି ୱାର୍ଡର ଜଣେ ବି ହିତାଧିକାରୀ

କୁନ୍ଦୁରା, ୧୩।୨(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ବୈଠକ ଗୃହରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଅଧିକାରୀମାନେ ଉତ୍ତମ ବ୍ୟବହାର କରୁ ନ ଥିବା ନେଇ ପ୍ରାୟ ୨୦ଜଣ ଲୋକ ପ୍ରତିନିଧି ଅଭିଯୋଗ କରିଥିଲେ। ଏହାପରେ ଅନ୍ୟ ସମସ୍ୟା ସମ୍ପର୍କରେ ବୈଠକରେ ଉପସ୍ଥିତ ଅଧିକାରୀଙ୍କୁ ଲୋକେ ଜଣାଇଥିଲେ।

ଚଳିତ ଥର ପ୍ରକାଶ ପାଇଥିବା ପ୍ରଧାନମନ୍ତ୍ରୀ ଗରିବ ଆବାସ ଯୋଜନା ସମ୍ଭାବ୍ୟ ତାଲିକାରେ ଅନେକ ହିତାଧିକାରୀଙ୍କ ନାମ ନ ଥିବା ଅଭିଯୋଗରେ ଜିଲା ପରିଷଦ ସଭ୍ୟ କନକଲତା ପେନ୍ଥିଆଙ୍କ ନେତୃତ୍ୱରେ ବାଗଦେରି ସରପଞ୍ଚ ମାନସି ସାନ୍ତା, କେରିମିଟି ସରପଞ୍ଚ ମାଣିକ ସାନ୍ତା, କୁନ୍ଦୁରା ସରପଞ୍ଚ ଲବ ପରଜା, ବାଣୁଆଗୁଡ଼ା ସରପଞ୍ଚ ଦୁତିକା ଭୂମିଆ, ମସିଗାଁ ସରପଞ୍ଚ କମଳା ପୂଜାରୀ, ଘୁମର ସରପଞ୍ଚ ରାମଚନ୍ଦ୍ର ବାଣୁଆ, ସମିତି ସଭ୍ୟ ବନିତା କନ୍ଦଳିଆ ପ୍ରମୁଖ ହୋ ହଲ୍ଲା କରିଥିଲେ। କେରିମିଟି ପଞ୍ଚାୟତର ୧୯ ୱାର୍ଡରୁ ୯ଟି ୱାର୍ଡରେ ବସବାସ କରୁଥିବା ଜଣେ ହେଲେ ହିତାଧିକାରୀଙ୍କ ନାମ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ସମ୍ଭାବ୍ୟ ତାଲିକାରେ ନ ଥିବା ସରପଞ୍ଚ ଅଭିଯୋଗ କରିଥିଲେ। ପଞ୍ଚାୟତରେ କାର୍ଯ୍ୟରତ ଜିଆର୍ଏସ୍, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଏବଂ ବିଡିଓ ଲୋକ ପ୍ରତିନିଧିଙ୍କୁ ଖରାପ ବ୍ୟବହାର କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଲୋକପ୍ରତିନିଧି ଓ ଅଧିକାରୀଙ୍କ ମଧ୍ୟରେ ତାଳ ମେଳ ରଖୁ ନ ଥିବାରୁ ଉନ୍ନୟନ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଥିବା କହି ଲୋକ ପ୍ରତିନିଧିମାନେ ବିଡିଓଙ୍କ ବଦଳି ଦାବି କରିଛନ୍ତି। କୁନ୍ଦୁରା-କୋଟପାଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଶୋଚନୀୟ ଥିବାବେଳେ ତାହାର ରକ୍ଷଣାବେକ୍ଷଣ କରାଯାଉନାହିଁ। ଚଳିତବର୍ଷ ରାସ୍ତା ନିର୍ମାଣ କରିଥିବା ଠିକାଦାରଙ୍କ ରକ୍ଷଣାବେକ୍ଷଣ ସମୟ ଶେଷ ହେବାକୁ ଯାଉଥିବାବେଳେ ଯେଉଁ ଟଙ୍କା ରହିଛି ତାହା ଆଉ ବ୍ୟବହାର ହୋଇପାରିବ ନାହିଁ ବୋଲି ଏମ୍‌ପିଙ୍କ ପ୍ରତିନିଧି ନରେନ୍ଦ୍ର ପ୍ରଧାନ ଅଭିଯୋଗ କରିଛନ୍ତି। ଫୁଲଭଟ୍ଟା ପଞ୍ଚାୟତରେ ଉପସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା ଦାବି କରାଯାଇଛି। ଚାଷୀ ପଞ୍ଜୀକରଣ ଏବଂ ମଣ୍ଡି ସମସ୍ୟା ନେଇ ଅଭିଯୋଗ କଲେ ମଧ ତାହାର ସମାଧାନ କରାଯାଉ ନ ଥିବା ଲୋକ ପ୍ରତିନିଧି ଅଭିଯୋଗ କହିଛନ୍ତି। କୁନ୍ଦୁରା ଜଗନ୍ନାଥ ମନ୍ଦିର ନିକଟରେ ରହୁଥିବା ବାପଛେଉଣ୍ଡ ଚନ୍ଦନ ପ୍ରଧାନ ହୃଦ୍‌ରୋଗରେ ପୀଡ଼ିତ। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଏହି ସମୟରେ କୋରାପୁଟ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଆରକ୍ଷୀ ଅଧୀକ୍ଷକ ଅଭିନବ ସନକାର, ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ସିଡିଏମ୍‌ଓ ଅରୁଣ ପାଢ଼ୀ, ବିଡିଓ ସନ୍ଧ୍ୟା ସମରଥ, ଜିଲାପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ, ତହସିଲଦାର ଆୟୁବ ମଣ୍ଡଳ, ଜିପିଇଓ ସୁରେଶ ହୋତା, ଯୋଗାଣ ନିରୀକ୍ଷକ ମୁରଲୀଧର ହେସା, ସାମାଜିକ ସୁରକ୍ଷା ଅଧିକାରୀ ସୁମିତ୍ରା ଖୋରା ପ୍ରମୁଖ ଉପସ୍ଥିତ ଥିଲେ।



ଅଧିକାରୀମାନେ ଅଭିଯୋଗର ଶୁଣାଣି କରୁଛନ୍ତି।

# ବିଶ୍ୱ ବଜାରରେ ପ୍ରବେଶ କରିବ କୋରାପୁଟ ମହୁ




ବୈଠକରେ ଉପସ୍ଥିତ ଅତିଥିମାନେ।

କୋରାପୁଟ,୧୩।୨(ସ୍ୱ.ପ୍ର.)

କୋରାପୁଟର କଫି, ମାଣ୍ଡିଆ ପରେ କୋରାପୁଟ ଜିଲାର ମହୁ ଏବେ ବିଶ୍ୱ ବଜାରରେ ପ୍ରବେଶ କରିବାକୁ ଯାଉଛି। କୋରାପୁଟ ଜିଲାର ମହୁ ରପ୍ତାନି କରିବାକୁ ଏବେ ଅଣ୍ଟା ଭିଡିଛି ଆପେଡା (ଏପିଇଡିଏ)। ଆପେଡାର ୩୭ତମ ପ୍ରତିଷ୍ଠା ଦିବସ ଅବସରରେ ସୋମବାର ସ୍ଥାନୀୟ ଦକ୍ଷତା ବୃଦ୍ଧି କେନ୍ଦ୍ରର ସମ୍ମିଳନୀ ଗୃହରେ କୋରାପୁଟ ଜିଲାର ମହୁଚାଷୀଙ୍କୁ ନେଇ ଆୟୋଜିତ ଏହି ରପ୍ତାନିଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇ ଆପେଡାର ପୂର୍ବାଞ୍ଚଳ ଆଞ୍ଚଳିକ ମୁଖ୍ୟ ସନ୍ଦୀପ ସାହା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। କୋରାପୁଟ ଜିଲାର ପ୍ରଗତି ଅନୁଷ୍ଠାନ ସହଯୋଗରେ ଏଠାକାର ମହୁ ବିଶ୍ୱ ବଜାରରେ ପ୍ରବେଶ କରିବ। ଜିଲାରେ ଉତ୍ପାଦିତ ମହୁର କିପରି ପ୍ରକ୍ରିୟାକରଣ, କୃଷକ ଉତ୍ପାଦକ କମ୍ପାନୀକୁ ରପ୍ତାନି ନିମନ୍ତେ ପ୍ରସ୍ତୁତ କରିବା, କୃଷି ଉଦ୍ୟୋଗୀକରଣକୁ ପ୍ରବର୍ତ୍ତାଇବା ନିମନ୍ତେ ସେ ଆଲୋଚନା କରିଥିଲେ। କୋରାପୁଟର ମହୁ ଯଦି ଅନ୍ୟ ଦେଶକୁ ରପ୍ତାନି ହୁଏ, ତେବେ ଚାଷୀମାନେ ନିଶ୍ଚିତଭାବେ ଉପକୃତ ହେବା ସହ ସେମାନଙ୍କ ଆୟ ବୃଦ୍ଧି ପାଇବ ବୋଲି ମୁଖ୍ୟ ଅତିଥି କହିଥିଲେ। କୋରାପୁଟ ଜିଲାରେ ମହୁ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ କରାଯିବ ବୋଲି ପ୍ରଗତି ଅନୁଷ୍ଠାନର ସମ୍ପାଦକ ପ୍ରଭାକର ଅଧିକାରୀ ସୂଚନା ଦେଇଥିଲେ। ଜିଲାର କୋରାପୁଟ, ବୋରିଗୁମ୍ମା, ନନ୍ଦପୁର, ଦଶମନ୍ତପୁର ସମେତ ୫ଟି ବ୍ଲକର ୫୦୦ ଚାଷୀଙ୍କ ଉତ୍ପାଦିତ ମହୁ ବିକ୍ରି କରାଯାଇଥିବା ନାବାର୍ଡ ମହାପ୍ରବନ୍ଧକ ମୁରାରୀ ମୋହନ ବେହେରା ସୂଚନା ଦେଇଥିଲେ। ସେହିପରି ଆଗାମୀ ଦିନରେ ଓଡ଼ିଶାର ବିଶେଷକରି କୋରାପୁଟ ଜିଲାରୁ ଉତ୍ପାଦିତ ବାସନା ଚାଉଳ ମଧ ଆପେଡା ଜରିଆରେ ବାହାର ଦେଶକୁ ରପ୍ତାନି କରାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟ ଅତିଥି କହିଥିଲେ। କାର୍ଯ୍ୟକ୍ରମରେ ଆଦିବାସୀ ବିକାଶ ସମବାୟ ସମିତି ଓଡ଼ିଶାର ଜିଲା ପରିଚାଳକ ସୁରେଶ ଚନ୍ଦ୍ର ମଲ୍ଲିକ, ଓରମାସର ସିଇଓ ରୋଶନ କୁମାର କାର୍ତ୍ତିକ, ସର୍ବୋଦୟ ସମିତି ସମ୍ପାଦକ ପ୍ରଦୀପ ମହାନ୍ତି କୋରାପୁଟ ଜିଲାରେ ମହୁଚାଷ ଓ ତା'ର ଗୁଣାତ୍ମକ ମାନ ବୃଦ୍ଧି ସହ ରପ୍ତାନିର ସମ୍ଭାବନା ବିଷୟରେ ମତ ରଖିଥିଲେ। ପ୍ରଗତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଡ. ଲୁନା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୋରାପୁଟ ଜୈବିକ କୃଷି କମ୍ପାନୀର ନିର୍ଦ୍ଦେଶକ ମୁରଲୀ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଷ୍ଟ୍ରେଚରରେ ୧ କି.ମି. ବୁହାହେଲେ ଗର୍ଭବତୀ

■ ନନ୍ଦପୁରରେ ଜନନୀ ଯନ୍ତ୍ରଣା
■ ରାସ୍ତା ଖରାପ ଯୋଗୁ ଗାଁକୁ ଆସିଲାନି ଆମ୍ବୁଲାନ୍ସ
■ ଡାକ୍ତରଖାନାରେ ପୁତ୍ର ସନ୍ତାନ ଜନ୍ମ

ନନ୍ଦପୁର, ୧୩।୨

ଥମୁନି ଜନନୀ ଯନ୍ତ୍ରଣା। ପୁଣି ଷ୍ଟ୍ରେଚରରେ ବୁହାହେଲେ ଗର୍ଭବତୀ। ଏଭଳି ଘଟଣା ସୋମବାର କୋରାପୁଟ ଜିଲା ନନ୍ଦପୁର ବ୍ଲକ ଖିନବର ପଞ୍ଚାୟତର ତୋଟାଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ଗାଁକୁ ରାସ୍ତା ନ ଥିବାରୁ ପ୍ରାୟ ୧କି.ମି. ଦୂରରେ ଆମ୍ବୁଲାନ୍ସ ଅଟକିଥିଲା। ସେପର୍ଯ୍ୟନ୍ତ ଗର୍ଭବତୀଙ୍କୁ ବୋହି ନିଆଯାଇଥିଲା।

ସୂଚନାନୁଯାୟୀ, ସୋମବାର ସକାଳେ ଗାଁର କୁମୁଲୁ ପାଙ୍ଗୀଙ୍କ ସ୍ତ୍ରୀ ଟିକମଙ୍କ ଗର୍ଭଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଖବର ପାଇ ଆମ୍ବୁଲାନ୍ସ ଗାଁ ଅଭିମୁଖେ ଯାଇଥିଲା। କିନ୍ତୁ ଗାଁକୁ ରାସ୍ତା ନ ଥିବାରୁ ୧ କିମି ଦୂରରେ ଗାଡ଼ି ରଖି ଡ୍ରାଇଭର କିରଣ କୁମାର ଚୌଧୁରୀ, ଇଏମ୍‌ଟି କମଲ ରାଜୁ ଖରା ଓ ସହାୟକ କୈଳାସ ଚନ୍ଦ୍ର ଦାଶ ଷ୍ଟ୍ରେଚର ନେଇ ଗାଁରେ ପହଞ୍ଚିଥିଲେ। ପରିବାର ଲୋକଙ୍କ ସହଯୋଗରେ ଟିକମଙ୍କୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଅଣାଯାଇଥିଲା। ପରେ ତାଙ୍କୁ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରଯାଇଥିଲା। ସେଠାରେ ଟିକମ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ଉଭୟ ଏବେ ସୁସ୍ଥ ଥିବା ଡାକ୍ତର କହିଛନ୍ତି। ଟିକମଙ୍କୁ ପ୍ରସବ ପୂର୍ବରୁ ସହାୟତା କେନ୍ଦ୍ରରେ ରଖିବା ବ୍ୟବସ୍ଥା କରାଯାଇଥିଲା। ତାଙ୍କ ପ୍ରସବ ତାରିଖ ୧୦ ମାର୍ଚ୍ଚ ଥିଲା। ମାସକ ପୂର୍ବରୁ ଟିକମଙ୍କୁ ପ୍ରସବ ବେଦନା ହେବାରୁ ଏଭଳି ପରିସ୍ଥିତି ହୋଇଛି ବୋଲି ମା' ଗୃହ ପକ୍ଷରୁ କୁହାଯାଇଛି। ନନ୍ଦପୁର ବ୍ଲକ ଅଞ୍ଚଳରେ ବାରମ୍ବାର ଏଭଳି ରୋଗୀ ଓ ଗର୍ଭବତୀ ବୁହାହେବା ଘଟଣା ସାଧାରଣରେ ଆଲୋଚନାର ବିଷୟ ହୋଇଥିବା ବେଳେ ବ୍ଲକ ଓ ଜିଲା ପ୍ରଶାସନ ରାସ୍ତାଘାଟ ନିର୍ମାଣ ନିମନ୍ତେ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ଅନୁରୋଧ କରିଛନ୍ତି। ନନ୍ଦପୁର ବିଡିଓ ସୁଜିତ ମିଶ୍ର ୨୩ ପଞ୍ଚାୟତର ରାସ୍ତା ନିର୍ମାଣ ପ୍ରତି ପ୍ରାଥମିକତା ଦିଆଯାଉଥିବା କହିଛନ୍ତି।



ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଉଛି।

# ୧୪ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

ସେମିଳିଗୁଡ଼ା, ୧୩।୨(ସ୍ୱ.ପ୍ର.)

ସେମିଳିଗୁଡ଼ା ଥାନା ପୋଲିସ ଚାଲାଣବେଳେ ୨୭୬ କେଜି ଗଞ୍ଜେଇ ଜବତ କରିଛି। ଯାହାର ଆନୁମାନିକ ମୂଲ୍ୟ ୧୪ଲକ୍ଷ ହେବ ବୋଲି ପୋଲିସ କହିଛି। ଘଟଣାସ୍ଥଳରୁ କିନ୍ତୁ ଗଞ୍ଜେଇ ନେଇ ଯାଉଥିବା ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ଏସ୍‌ଡିପିଓ ମନୋଜ ବେହେରା ଖବରଦାତା ସମ୍ମିଳନୀରେ କହିଛନ୍ତି। ଗଞ୍ଜେଇ ଚାଲାଣ ଖବର ପାଇ ସୁନାବେଡା ଏସ୍‌ଡିପିଓ ସୁନାବେଡା, ସେମିଳିଗୁଡା, ପଟାଙ୍ଗି ଓ ଦାମନଯୋଡି ଥାନାକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଭୋର ସମୟରେ ସେମିଳିଗୁଡା ଥାନା ଏସ୍‌ଆଇ ଦୀପକ ବାରିକ ଅନ୍ୟ ଟିମ୍ ସଦସ୍ୟଙ୍କ ସହ ଦାମନଯୋଡିର ବେହେରାଗୁଡ଼ା ନିକଟରେ ଗାଡ଼ି ଯାଞ୍ଚ କରୁଥିଲେ। ସେମାନେ ଏକ କାର୍ (ଓଆର୍-୧୪ଟି-୧୦୦୭) କୁ ଅଟକାଇ ଯାଞ୍ଚ କରିଥିଲେ। ପୋଲିସ୍‌କୁ ଦେଖି ଡ୍ରାଇଭର ସେଥିରେ ବସିଥିବା ଅନ୍ୟମାନେ ଫେରାର ହୋଇ ଯାଇଥିଲେ। ଗାଡ଼ି ଯାଞ୍ଚବେଳେ ଗଞ୍ଜେଇ ମିଳିଥିଲା। ପୋଲିସ କେସ୍ ନଂ ୨୦/୨୩ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ରାୟଗଡ଼ାର ୨ ପ୍ରତିଭା ସମ୍ମାନିତ




## ଜାତୀୟ ମହିଳା ଦିବସ

ରାୟଗଡ଼ା ଅଫିସ,୧୩।୨

ଜାତୀୟ ମହିଳା ଦିବସ ଅବସରରେ ଝଞ୍ଜାବତୀ ୱାକର୍ସ କ୍ଲବ ପକ୍ଷରୁ ରାୟଗଡ଼ାର ୨ ପ୍ରତିଭାବାନ ଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି। ସେମାନେ ହେଲେ ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୨ ଛାତ୍ରୀ ଅର୍ପିତା ପାଢ଼ୀ ଏବଂ ଗୁଣପୁର ଜିଆଇଇଟିରେ କୃଷି ବିଭଗରେ ବିଏସସି କରୁଥିବା ଏ. ନେହା ପଟ୍ଟନାୟକ। ଏନସିସି କ୍ୟାଡଟ ଅର୍ପିତା ପାଢ଼ୀ ଦିଲ୍ଲୀରେ ଆରଡିସିରେ ଭାଗ ନେବା ସୁଯୋଗ ପାଇଥିଲେ। ସେହିପରି ନେହା ଜାତୀୟ କ୍ରସବୋ ଶୁଟିଂରେ ଚମ୍ପିୟାନ ହୋଇଥିଲେ। ଉଭୟ ଛାତ୍ରୀ ନୂତନ ଯୁବ ପିଢ଼ିଙ୍କ ପାଇଁ ଏକ ପ୍ରେରଣା ବୋଲି କୁହାଯାଇଛି। ଝଞ୍ଜାବତୀ ୱାକର୍ସ କ୍ଲବ ସଭାପତି ଅରୁଣା ବେହେରା, ସମ୍ପାଦିକା ରଶ୍ମିତା ପଣ୍ଡା, ନମିତା ପାଢ଼ୀ, ସୁଜାତା ମାଦଳା, ସେନାପତି ସନ୍ତୋଷୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

## ନବରଙ୍ଗପୁର କଲେଜକୁ ସରକାରୀ ମାନ୍ୟତା ପ୍ରସଙ୍ଗ

ନବରଙ୍ଗପୁର,୧୩।୨(ବି.ପ୍ର.)

ଓଡ଼ିଶା ସରକାର ବିଭିନ୍ନ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଉଛନ୍ତି। କିନ୍ତୁ ଜିଲାର ଏକ ମାତ୍ର ୫୨ ବର୍ଷର ବହୁ ପୁରାତନ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ମିଳୁନି। ତୁରନ୍ତ ଏହାକୁ ସରକାରୀ ମାନ୍ୟତା ଦେବାକୁ ନବରଙ୍ଗପୁର ଜିଲା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି ଖବରଦାତା ସମ୍ମିଳନୀରେ ଦାବି କରିଛନ୍ତି। ନବରଙ୍ଗପୁର ରାଜ୍ୟର ଏକ ଅନୁନ୍ନତ ଓ ଅବହେଳିତ ଜିଲା। ଜିଲାର ବହୁ ପୁରାତନ ନବରଙ୍ଗପୁର କଲେଜକୁ ସରକାରୀ ମାନ୍ୟତା ପ୍ରତିଶ୍ରୁତି ଦେଇ ରାଜ୍ୟ ସରକାର ଜିଲାବାସୀଙ୍କୁ ଠକି ଚାଲଇଥିବା ସେ କହିଛନ୍ତି। ନବରଙ୍ଗପୁର ଜିଲାବାସୀଙ୍କ ନ୍ୟାର୍ଯ୍ୟ ଦାବି ପ୍ରଦାନ କରିବାକୁ ସରକାର ପ୍ରାଧାନ୍ୟ ଦେବା ଜରୁରୀ ବୋଲି ସେ କହିଛନ୍ତି। ଜିଲାରେ ଶିକ୍ଷା ଅପେକ୍ଷା ସରକାରୀସ୍ତରରେ ମଦ ଦୋକାନ ଖୋଲିବାକୁ ପ୍ରାଥମିକତା ଦିଆଯାଉଛି ଯାହା କି ଅତି ଦୁଃଖର ବିଷୟ। ତେଣୁ ନବରଙ୍ଗପୁର ମହାବିଦ୍ୟାଳୟକୁ ତୁରନ୍ତ ସରକାରୀ ମାନ୍ୟତା ପ୍ରଦାନ ନ ମିଳିଲେ ଭାଜପା ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୧୩।୨ (ନି.ପ୍ର.)

ଜୟପୁର ବ୍ଲକ ଅଧୀନ ଫାମ୍ପୁଣିରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଅଭିଯୋଗ ଶୁଣାଣିରେ ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସରପଞ୍ଚ, ସମିତି ସଭ୍ୟ, କନିଷ୍ଠ ଯନ୍ତ୍ରୀ , ପିଇଓ, ଜିଆରଏସ୍ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ ହର୍ଟିକଲଚର, କୃଷି ବିଭାଗ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା।

# ୬୩ କେଜି ଗଞ୍ଜେଇ ଧରିଲା ପୋଲିସ

କୋରାପୁଟ, ୧୩।୨(ସ୍ୱ.ପ୍ର.)

କୋରାପୁଟ ଜିଲାର ମାଛକୁଣ୍ଡ ପୋଲିସ ପାଟ୍ରୋଲିଂ ବେଳେ ବଡ ଡୁରାଲ ଗ୍ରାମ ନିକଟରୁ ଏକକାରରେ ଚାଲାଣ ହେଉଥିବା ୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ କରିଛି। ପୂର୍ବରୁ ସୂଚନା ପାଇ ସୋମବାର ଭୋରରୁ ମାଛକୁଣ୍ଡ ଥାନା ପୋଲିସ ସ୍ଥାନୀୟ ବଡ଼ ଡୁରାଲ ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ କାରକୁ ପୋଲିସ ଅଟକାଇଥିଲା। ଚାଲାଣକାରୀମାନେ ପୋଲିସକୁ ଦେଖି ଅନ୍ଧାରର ସୁଯୋଗ ନେଇ ଚମ୍ପଟ ମାରିଥିଲେ। ପୋଲିସ କାର ଯାଞ୍ଚ କରିବାବେଳେ ସେଥିରୁ ୩ ଟି ଜରି ବସ୍ତା ଜବତ କରିଥିଲା। ଜବତ ଗଞ୍ଜେଇ ୬୩ କେଜି ୭ଶହ ଗ୍ରାମ ବୋଲି ଓଜନ କରିବା ପରେ ଜଣାପଡ଼ିଥିଲା। ଜବତ କାରର ନମ୍ବର ଆଧାରରେ କାର ମାଲିକ ନାମରେ ଏନ୍‌ଡିପିଏସରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

# ଖ୍ରୀଷ୍ଟିଆନ ହସ୍ପିଟାଲରେ ବିଏସ୍‌କେୱାଇ ସେବା ଶୁଭାରମ୍ଭ

## ୧୬ରୁ କାର୍ଯ୍ୟକାରୀ ହେବ ଯୋଜନା

ବିଷମକଟକ,୧୩।୨(ଡି.ଏନ୍.ଏ.)

ବିଷମକଟକ ସ୍ଥିତ ଖ୍ରୀଷ୍ଟିଆନ ହସ୍ପିଟାଲରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ରେ ସେବା ସୋମବାର ଶୁଭାରମ୍ଭ ହୋଇଛି। କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ଏବଂ ଗଜପତି ଜିଲାର ଜନସାଧାରଣ ଏହି ହସ୍ପିଟାଲ ଉପରେ ନିର୍ଭର କରୁଛନ୍ତି। ୧୬ରୁ ଏହି ଯୋଜନା ଏଠାରେ କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡ଼ିଛି। ଏଣିକି ଏହି ଯୋଜନାରେ ଜିଲା ତଥା ଜିଲା ବାହାରର ଜନସାଧାରଣ ଉକ୍ତ ହସ୍ପିଟାଲରେ ଚିକିତ୍ସା ସେବା ପାଇପାରିବେ। ଯୋଜନାରେ ପ୍ରତ୍ୟେକ ଗରିବ ପରିବାର ପାଇଁ ମାଗଣାରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ରହିଛି। ଅନେକ ସମୟରେ ଗରିବ ଲୋକେ ଅର୍ଥ ଅଭାବରୁ ଏହି ମେଡିକାଲରେ ଚିକିତ୍ସା କରାଇ ପାରୁ ନ ଥିଲେ। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଚିକିତ୍ସା ସେବା ଆରମ୍ଭ ହେବାପରେ ଗରିବ ରୋଗୀ ମାଗଣାରେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ବୋଲି ହସ୍ପିଟାଲର ଡାକ୍ତର ଜନି ପ୍ରକାଶ କରିଛନ୍ତି।

ଯୋଜନାର ଶୁଭାରମ୍ଭ ଅବସରରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଉପଦେଷ୍ଟା ସୁଧୀର କୁମାର ଦାସଙ୍କ ସମେତ ରାୟଗଡ଼ା ସିଡିଏମ୍‌ଓ ଏବଂ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲର ଡାକ୍ତର ଜନି ଚେରିୟାନ ଓମ୍ମେ ଓ ମେଡିକାଲ ଅଧୀକ୍ଷକ ଡାକ୍ତର ସୁନୀଲ ଜେନିମଲ ବିଷମକଟକ ବିଡିଓ ସଦାଶିବ ନାୟକ, ବିଷମକଟକ ଥାନା ଏସ୍‌ଆଇ ପିଙ୍କା ଓଝା, ବ୍ଲକ ଉପାଧକ୍ଷା ଯଶୋଧା ହୁଇକା, ଉପାଧକ୍ଷ ଦେବୀ ପଟ୍ଟନାୟକ, ବିଷମକଟକ ସରପଞ୍ଚ ନମିତା କୁଲେଶିକା, ଚଞ୍ଚରୁଡ଼ା ସରପଞ୍ଚ ଚଞ୍ଚଳା ୱାଡକାଙ୍କ ସମେତ ଅନ୍ୟ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ଆଇନଜୀବୀ ଦିଲୀପ ପଟ୍ଟନାୟକ ଓ କେସିସି ବ୍ୟାଙ୍କ ସଭ୍ୟ ଜଗନ୍ନାଥ ନୁଣ୍ଡରୁକା, ବିଷମକଟକ ଜିଲା ପରିଷଦ 'କ' ଜୋନ୍ ସଭ୍ୟ ବିଜୟଶାନ୍ତି କୁମ୍ବରୁକା, 'ଖ' ଜୋନ୍ ସଦସ୍ୟା ସୁଜାତା କାଡ୍ରାକାଙ୍କ ସମେତ ରବୀନ୍ଦ୍ର କୁମାର ପଣ୍ଡା, ଜିଲା ଯୁବ ଛାତ୍ର ଜନତା ଦଳର ସଭାପତି ଡି. ଶିବ ପ୍ରସାଦ ଉପସ୍ଥିତ ଥିଲେ।



ଯୋଜନାର ଶୁଭାରମ୍ଭ ଅବସରରେ ଉପସ୍ଥିତ ବିଏସକେୱାଇ ଉପଦେଷ୍ଟା ସୁଧୀର ଦାସ ଓ ଅନ୍ୟ ଅତିଥିମାନେ।

# ଲୋକଙ୍କୁ ମିଳୁନି, ଘାଟ୍ କଟିଂ କାମ କରୁଛି ମେଶିନ୍

## କେଉଁ ବିଭାଗ ଅଧୀନରେ କାମ ହେଉଛି ତାହାର ଖବର ନାହିଁ

ପଟ୍ଟାଙ୍ଗି, ୧୩।୨(ଡି.ଏନ୍.ଏ)

ଗ୍ରାମାଞ୍ଚଳର ଲୋକଙ୍କୁ ରୋଜଗାରକ୍ଷମ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଉନ୍ନୟନ କାମ କରୁଛନ୍ତି। ଉକ୍ତ କାମରେ ଗ୍ରାମାଞ୍ଚଳ ଲୋକଙ୍କୁ ନିୟୋଜିତ କରିବାକୁ ମଧ କେତେକ ଜାଗାରେ ନିୟମ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଏହାର ବାସ୍ତବ ଚିତ୍ର ଅଲଗା। ଫଳରେ ଲୋକେ ବାଧ ହୋଇ ନିଜ ଅଞ୍ଚଳରେ କାମ ନ ପାଇ ପଡୋଶୀ ରାଜ୍ୟରେ ଦାଦନ ଖଟିବାକୁ ବାଧ ହେଉଛନ୍ତି। ଏପରିକି ଗ୍ରାମାଞ୍ଚଳରେ ହେଉଥିବା କାମ ସମ୍ପର୍କରେ ମଧ ବିଭାଗୀୟ ଅଧିକାରୀ ବା କର୍ମଚାରୀଙ୍କ ପାଖରେ କୌଣସି ଖବର ରହୁନାହିଁ। ଏପରି ଅବ୍ୟବସ୍ଥା କୋରାପୁଟ ଜଲା ପଟ୍ଟାଙ୍ଗି ବ୍ଲକ ଅଧୀନ ରାଲେଗଡା ପଞ୍ଚାୟତ ସୁନିୱାଲସାରେ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ସୁନିୱାଲସାରେ ୧୦ରୁ ୧୫ଘର ରହିଛି। ଜାତୀୟ ରାଜପଥରୁ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଟି ଚଲାବାଟ ହୋଇଥିବା ସହ ବର୍ତ୍ତମାନ ଉକ୍ତ ରାସ୍ତାରେ ଜେସିବି ସାହାଯ୍ୟରେ ଘାଟ୍ କଟିଂ କାମ କରାଯାଉଛି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗ୍ରାମବାସୀ ସେଠାରେ ପହଞ୍ଚି ଏଠାରେ କେଉଁ ବିଭାଗ କାର୍ଯ୍ୟ କରାଉଛି ବୋଲି ପଚାରିବା ସହ ମେଶିନ ଯୋଗେ କାମ ନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି। ଯେଉଁ ଗ୍ରାମକୁ ରାସ୍ତା ନାହିଁ, ସେଠାରେ ପ୍ରଥମେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିବାର ସରକାରୀ ନିୟମ ରହିଛି। କିଛି ବର୍ଷ ତାହାର ଉନ୍ନତୀକରଣ କାମ ଉକ୍ତ ଯୋଜନା ଅଧୀନରେ କରାଯିବା ପରେ ରାସ୍ତାକୁ ଆର୍‌ଡି ବିଭାଗକୁ ହସ୍ତାନ୍ତର କରିବା ନିୟମ ରହିଛି। ଏହି ନିୟମ ଉଲ୍ଲଂଘନ କରାଯାଉଥିବା ସ୍ପଷ୍ଟ ବାରି ହେଉଛି। ଏନେଇ ପ୍ରଥମେ ରାଲେଗଡା ପଞ୍ଚାୟତ ଦାୟିତ୍ୱରେ ରହିଥିବା ବ୍ଲକର କନିଷ୍ଠ ଯନ୍ତ୍ରୀ ରଶ୍ମିତା ରାଉତଙ୍କୁ ଉକ୍ତ କାମ କିଏ କରୁଛି ଏବଂ କାହା ନିର୍ଦ୍ଦେଶରେ ହେଉଛି ବୋଲି ପଚରା ଯାଇଥିଲା। ମୁଁ କିଛି ଜାଣି ନାହିଁ କିମ୍ବା କୌଣସି ନିର୍ଦ୍ଦେଶ ଏବଂ ଉକ୍ତ କାମ ସମ୍ପର୍କରେ କୌଣସି ସରକାରୀ ରେକର୍ଡ ଖୋଲା ହୋଇ ନାହିଁ ବୋଲି ସେ କହିଥିଲେ। ସେହିପରି ଉକ୍ତ କାମ ସମ୍ପର୍କରେ ଆର୍‌ଡି ବିଭାଗର ଏସ୍‌ଡିଓ ସୁନିଲ କୁମାର ଦାସଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରାଯିବାରୁ ଉକ୍ତ କାମ ଆମ ବିଭାଗ ପକ୍ଷରୁ ହେଉନାହିଁ କିମ୍ବା ରାଲେଗଡା ପଞ୍ଚାୟତରେ ବର୍ତ୍ତମାନ ଆମ ବିଭାଗ ପକ୍ଷରୁ କୌଣସି କାମ ହେଉ ନାହିଁ ବୋଲି ସେ କହିଛନ୍ତି। କିନ୍ତୁ ଉପରୋକ୍ତ ୨ ବିଭାଗ ଯନ୍ତ୍ରୀ ବା ଅଧିକାରୀଙ୍କଠାରୁ ଏହିପରି ମତାମତ ଶୁଣିବା ପରେ ଉକ୍ତ କାମ କିଏ କରୁଛି ଏବଂ ଏହା କାହା ନିର୍ଦ୍ଦେଶରେ ହେଉଛି ଏନେଇ ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ କହିଛନ୍ତି। କେବଳ ସୁନିୱାଲସା ଗ୍ରାମରେ ନୁହେଁ, ଏହିପରି କାମ ବ୍ଲକ ଅଧୀନରେ ରହିଥିବା ବିଭିନ୍ନ ପଞ୍ଚାୟତରେ ଲୁଚାଛପାରେ କରାଯାଉଛି, ଯାହାକି ତଦନ୍ତସାପେକ୍ଷ ବୋଲି ବ୍ଲକ ଉପାଧକ୍ଷ ପ୍ରକାଶ କରିଛନ୍ତି।



